Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୧୨
Volum. - 21 ■ Issue No.- 12
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୨୪ ଜାନୁଆରୀ - ୩୦ ଜାନୁଆରୀ ୨୦୨୧ / 24 Jan. - 30 Jan. 2021 / Odia Weekly / 8 Pages / Rs.2/- only

## ବଲାଙ୍ଗିରରେ ଜିଲ୍ଲା ସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ





ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କରୋନା କଟକଣା ଯୋଗୁଁ କୋଭିଡ୍ ନିର୍ଦ୍ଦେଶାବଳୀ ଅନୁସାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ୭୨ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । ଗାନ୍ଧୀନଗରପଡ଼ା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀଛକ ସ୍ଥିତ ଡ.ବି.ଆର୍.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀଭବନ ସମ୍ମୁଖସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ପୂର୍ବାହ୍ନ ୮ଟା୩୦ମି. ସମୟରେ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ମନ୍ତ୍ରୀ ଶ୍ରୀ ଦାଶ ତାଙ୍କ ଅଭିଭାଷଣରେ ରାଜନୈତିକ, ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଆମ ସମ୍ବିଧାନର ବିଶେଷତ୍ୱ ଏବଂ ଭାରତୀୟ ସମ୍ବିଧାନ ଆମ ଐକ୍ୟ, ସଂହତି ଓ ଧର୍ମ ନିରପେକ୍ଷ ଚରିତ୍ରକୁ ମଜବୁତ କରିଛି ବୋଲି ପ୍ରକାଶ କରିଥିଲେ । ସମ୍ବିଧାନ ପ୍ରଣେତା ଡ. ବି.ଆର୍.ଆମ୍ବେଦକର ଓ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ସଦସ୍ୟାମାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିବା ସହ ଭାରତ ବର୍ଷର ଏକତା ଓ ଅଖଣ୍ଡତା ବଜାୟ ରଖିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ବୋଲି କହିଥିଲେ । ‘୫ଟି’ ଓ ‘ମୋ ସରକାର’ କାର୍ଯ୍ୟକ୍ରମ ସଂପର୍କରେ ଉଲ୍ଲେଖ କରିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ଜନସାଧାରଣଙ୍କ ସହଯୋଗିତା ଓ ସହଭାଗିତା ଦ୍ୱାରା ସଫଳ ରୂପାୟନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । କୃଷି କ୍ଷେତ୍ରରେ ଆମ ରାଜ୍ୟ ଏକ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବା ସହ ଲଗାତାର ୫ ଥର ପାଇଁ ‘କୃଷିକର୍ମଣ ପୁରସ୍କାର’ ପାଇଛି । ମହିଳାମାନଙ୍କ ଉନ୍ନତି ଏବଂ ସଶକ୍ତିକରଣ ନିମନ୍ତେ ‘ମିଶନ ଶକ୍ତି’ ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇଛି । କୋଭିଡ୍ ମହାମାରୀ ପରିଚାଳନା ନିମନ୍ତେ ବଲାଙ୍ଗିର ଜିଲ୍ଲାରେ ଅସ୍ଥାୟୀ ମେଡ଼ିକାଲ ସେଣ୍ଟର, କୋଭିଡ୍ କେୟାର ହୋମ, କୋଭିଡ୍ କେୟାର ସେଣ୍ଟର, କୋଭିଡ୍ ହସ୍‌ପିଟାଲ ଇତ୍ୟାଦି ସ୍ଥାପନ କରାଯାଇ କୋଭିଡ୍ ମହାମାରୀର ସଫଳ ମୁକାବିଲା କରାଯାଇଥିଲା । କୋଭିଡ୍ ମହମାରୀ ମୁକାବିଲାରେ କୋଭିଡ୍ ଯୋଦ୍ଧାମାନଙ୍କ ଯେଉଁ ଉତ୍ସର୍ଗୀକୃତ ସେବା ଯୋଗାଇ ଦେଉଛନ୍ତି, ତାହା ଅବିସ୍ମରଣୀୟ ବୋଲି ପ୍ରକାଶ କରିବା ସହ ଜନ ପ୍ରତିନିଧି, ଜନସାଧାରଣ, ଗଣମାଧ୍ୟମର ସହଯୋଗ ରହିଛି ବୋଲି ପ୍ରକାଶ କରିଥିଲେ । କୋଭିଡ୍ ମହାମାରୀ ସମୟରେ ଓ କୋଭିଡ୍ ପରବର୍ତ୍ତୀ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଲୋକମାନଙ୍କ ଜୀବନ ଜୀବିକା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି । କୋଭିଡ୍ ମହମାରୀ ସମୟରେ କୋମଳମତି ଶିଶୁମାନଙ୍କର ପାଠ ପଢ଼ା ଦିଗରେ ସରକାର ସତତଃ ଚେଷ୍ଟିତ ବୋଲି କହିବା ସହ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୭୦୦ ପୃଷ୍ଠା ସମ୍ବଳିତ ପୁସ୍ତକ ‘ପରୀକ୍ଷା ଦର୍ପଣ’ ପ୍ରାୟ ୬,୨୦,୫୦୮ ଜଣ ଛାତ୍ରଛାତ୍ରୀଙ୍କ ମାଗଣାରେ ବଂଟନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ ।

କରୋନା କଟକଣା ଯୋଗୁଁ କେବଳ ଏପିଆର ଓ ହୋମଗାର୍ଡ଼ ୨ଗୋଟି ପ୍ଲାଟୁନ ଅଂଶଗ୍ରହଣ କରି ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ । ପୋଲିସ ବ୍ୟାଣ୍ଡ ପାର୍ଟି ଜାତୀୟ ସଂଗୀତ ବାଦନ କରିଥିଲେ । ଅଭିବାଦନ ମଂଚରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଉପସ୍ଥିତ ଥିବା ବେଳେ ସମାରୋହରେ କୋଭିଡ୍ ଯୋଦ୍ଧା, ସରକାରୀ ଅଧିକାରୀ ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।








ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୧ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି ।

ଆସନ୍ତୁ, ଏକ ସଶକ୍ତ, ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ରହି କାମ କରିଚାଲିବା । ଦେଶର ସମୃଦ୍ଧିରେ ନିଜର ଯୋଗଦାନ ଦେଇ ଭାରତକୁ ଆହୁରି ଶକ୍ତିଶାଳୀ କରିବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ପବିତ୍ର ୭୨ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଭାରତର ଏକତା ଓ ସଂହତି ରକ୍ଷା ସହିତ ଆମ ରାଜ୍ୟକୁ ଦେଶର ଏକ ଅଗ୍ରଗଣ୍ୟ ରାଜ୍ୟ ଭାବେ ଗଢ଼ିତୋଳିବା ନିମନ୍ତେ ସମସ୍ତେ ଆନ୍ତରିକ ଉଦ୍ୟମ କରିବାକୁ ମୁଁ ବିନମ୍ର ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-73 OIPR-15001/13/0118/2021

## ସଂପାଦକୀୟ

# ସମାଜିକ ମୂଲ୍ୟବୋଧ

ଯୌନ ନିର୍ଯାତନା ଓ ଦୁଷ୍କର୍ମ ମାମଲା ଉପରେ ନଜର୍ ପକାଇଲେ ଆମ ରାଜ୍ୟରେ ମହିଳାମାନଙ୍କ ଅସୁରକ୍ଷିତ ଅବସ୍ଥା ଅବଶ୍ୟ ଅନୁମାନ କରାଯାଇ ପାରିବ । ତଥ୍ୟ ଅନୁସାରେ ୨୦୧୮ ମସିହାରେ ରାଜ୍ୟରେ ୨୫୦୨ଟି ଦୁଷ୍କର୍ମ ମାମଲା ପଂଜିକୃତ ହୋଇଥିବା ବେଳେ ୨୦୧୯ରେ ଏହି ସଂଖ୍ୟା ୨୯୫୦କୁ ଛୁଇଁଛି । ଯୌନ ନିର୍ଯାତନା ମାମଲା ବି ପଛରେ ନାହିଁ । ୨୦୧୮ରେ ୧୨୪୧ ମାମଲା ରୁଜୁ ହୋଇଥିବା ବେଳେ ୨୦୧୯ରେ ଏହା ୧୩୦୫ରେ ପହଂଚିଛି । ମହିଳାଙ୍କ ପ୍ରତି ଜୋର୍ ଜବର୍ଦସ୍ତ ଘଟଣା ବି ଉଦ୍‌ବେଗଜନକ ।

ଦିନକୁ ଦିନ ଏସବୁ ମାମଲା ସମାଜରେ ବଢ଼ି ଚାଲିଥିବାର କାରଣ ଖୋଜିବା ଏବେ ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇ ପଡ଼ିଛି । ସମାଜରେ ବଢ଼ି ଚାଲିଥିବା ଉତ୍‌ଶୃଙ୍ଖଳ ଜୀବନ ଶୈଳୀ ଓ ମଣିଷର ବିଳାସମୁହାଁ ମନୋଭାବ ଏଥିପାଇଁ ଯେତିକି ପରିମାଣରେ ଦାୟୀ, ସେତିକି ପରିମାଣରେ ସମାଜରେ ବଢ଼ି ଚାଲିଥିବା ନିଶା କାରବାର ବୋଲି ମଧ୍ୟ କୁହାଯାଇପାରେ ।

ସବୁଠାରୁ ବଡ଼ ଚିନ୍ତାର ବିଷୟ ଯେ, ପୁଲିସ ଚଢ଼ଉରୁ ଯେତେ ପରିମାଣରେ ନିଶା ସାମଗ୍ରୀ ପ୍ରତ୍ୟହ ଜବତ୍ ହେଉଛି; ସେଥିରୁ ଅନୁମାନ କରାଯାଇପାରେ ରାଜ୍ୟରେ ନିଶା କାରବାର କେଉଁ ମାତ୍ରାରେ ଚାଲିଛି । କେଉଁଠି ହଜାର ହଜାର ବୋତଲ କଫ୍ ସିରଫ୍ ଜବତ୍ ହେଉଛି ତ' ଆଉ କେଉଁଠି କ୍ୱିଣ୍ଟାଲ୍ କ୍ୱିଣ୍ଟାଲ ଗଂଜେଇ ଜବତ୍ ହେଉଛି । ପୁଣି କେଉଁଠି ନିଶା ଟେବ୍‌ଲେଟ୍‌ର ବେଧଡ଼କ୍ ବେପାର ତ' ଆଉ କେଉଁଠି ବେଆଇନ ଦେଶୀ ବିଦେଶୀ ମଦ ବିକ୍ରି । ବ୍ରାଉନ୍ ସୁଗାର୍ ଭଳି ନିଶା କାରବାର ଚାଲିଥିବା ବି ରାଜ୍ୟରେ ପୁଲିସ ଧରପଗଡ଼ରୁ ଜଣାପଡୁଛି । ଲୋକଲୋଚନକୁ ଯାହା ଆସୁଛି, ଲୋକଲୋଚନ ଆଢୁଆଳରେ ଯେ ଆହୁରି ଅନେକ ପରିମାଣର ନିଶା ସାମଗ୍ରୀ ମହଜୁଦ୍ ରହିଛି ଓ ନିଶା କାରବାର ଚାଲିଛି, ଏହାକୁ ଅସ୍ୱୀକାର କରିବାର କୌଣସି କାରଣ ନଥାଇପାରେ । ନିଶାଶକ୍ତ ଅବସ୍ଥାରେ ମଣିଷ ବହୁକ୍ଷେତ୍ରରେ ଅସାମାଜିକ କାର୍ଯ୍ୟକଳାପ ତଥା ଅପରାଧରେ ଜଡ଼ିତ ହୋଇପଡ଼େ, ଏହାମଧ୍ୟ ଏକ ଅନସ୍ୱୀକାର୍ଯ୍ୟ ଦିଗ । ଆମ ସମାଜରେ ବଢ଼ି ଚାଲିଥିବା ବେଆଇନ ନିଶା କାରବାର ଅପରାଧ ବୃଦ୍ଧିରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି କହିବା ବୋଧହୁଏ ଅନେକ ଦୃଷ୍ଟିରୁ ଭୁଲ୍ ହୋଇ ନପାରେ ।

କୁହାଯାଏ, ଯେଉଁ ସମାଜରେ ମହିଳାମାନେ ଅସୁରକ୍ଷିତ, ସେହି ସମାଜକୁ ରସାତଳଗାମୀ ହେବାରୁ କେହି ବି ବଂଚାଇ ପାରନ୍ତି ନାହିଁ । ଏ ଉକ୍ତି ପ୍ରତି ନଜର ଦେଲେ ଆମ ରାଜ୍ୟ ଅନେକ କ୍ଷେତ୍ରରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡ଼ିବାରେ ଲାଗିଛି ଏବଂ ପରିସ୍ଥିତି ରସାତଳଗାମୀ ହେବାକୁ ଯାଉଛି, ଏହା ଅନୁଭବ କରାଯାଇପାରେ ।

ସ୍ନେହ, ପ୍ରେମ, ଦୟା, କରୁଣାର ଗନ୍ତାଘର ଓଡ଼ିଶାର ଐତିହ୍ୟସଂପନ୍ନ ମାଟି ଆଜି ଦୁଷ୍କର୍ମ ତଥା ଯୌନ ନିର୍ଯାତନାର ହାହାକାରରେ ଜର୍ଜରିତ । ଧାର୍ମିକ ଭାବସଂପନ୍ନ ଆମ ରାଜ୍ୟ ଆଜି ଅନେକ ଅପରାଧିକ କାର୍ଯ୍ୟକଳାପରେ କଳୁଷିତ । ବଢ଼ି ଚାଲିଛି ମହିଳାଙ୍କ ପ୍ରତି ଅସଦାଚରଣ, ଜୋର୍ ଜବର୍ଦସ୍ତି ମାମଲା । ଆଇନ ଫର୍ଦ୍ଦରେ ଆଜି ଆଣ୍ଠେଇ ପଡ଼ିଛି ଆମ ପ୍ରିୟ ମାଟି ।

ଉପରୋକ୍ତ ପ୍ରତ୍ୟେକ ଦିଗ ପ୍ରତି ସଚେତନତା ଅବଲମ୍ବନ ପୂର୍ବକ ମଣିଷ ଭିତରେ କିଭଳି ମଣିଷତ୍ୱ ବଳବତ୍ତର ରହିପାରିବ, ସେଥିପାଇଁ କେବଳ ସରକାର ନୁହନ୍ତି, ସାଧାରଣ ଜନତା ମଧ୍ୟ ଦୃଷ୍ଟି ଦେବାର ସମୟ ଆସିଛି । ପ୍ରତ୍ୟେକ ଶୃଙ୍ଖଳିତ ଓଡ଼ିଶାବାସୀ ଏଭଳି କଳଙ୍କିତ ଅପରାଧକୁ କିଭଳି ଦମନ କରାଯାଇ ପାରିବ, ସେ ଦିଗରେ କାମ କରିବା ଉଚିତ । ନଚେତ୍ ଆଗାମୀ ସମୟର ବଂଶଧରଙ୍କ ସମ୍ମୁଖରେ ଆମକୁ ଲଜ୍ଜିତ ହେବାକୁ ପଡ଼ିବ, ଏହା ଅତ୍ୟନ୍ତ ସ୍ପଷ୍ଟ ।

# ପୁଣ୍ୟଶ୍ଳୋକ ସମାଜସେବୀ ଲଳିତ ନାୟକଙ୍କ ସ୍ମୃତିରେ ଶ୍ରଦ୍ଧାଂଜଳି ସଭା



ବଲାଙ୍ଗିର, (ନିପ୍ର) : ନେସ୍‌ନାଲ ପିସ୍ ୟୁନିସନ୍(ଇଣ୍ଡିଆ) ପକ୍ଷରୁ ସ୍ଥାନୀୟ ହୋଟେଲ ପାର୍କ ଲେଣ୍ଡର ସମ୍ମିଳନୀ କକ୍ଷରେ ନିଃସ୍ୱାର୍ଥପର ସେବାର ନିଆରା ନାୟକ ପୁଣ୍ୟଶ୍ଳୋକ ଲଳିତ ନାୟକଙ୍କ ସ୍ମୃତିରେ ଆଜି ସଂଧ୍ୟାରେ ଏକ ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା, ଡା. ଲକ୍ଷ୍ମୀକାନ୍ତ ମହାପାତ୍ର, ଗୁରୁଶ୍ରୀ ଡା. ଘାସିରାମ ମିଶ୍ର, ଡ. ଶ୍ରୀକର ମିଶ୍ର, ନେସ୍‌ନାଲ ପିସ୍ ୟୁନିସନ୍ ଚେୟାର୍‌ମେନ୍ ରବିରଂଜନ ପୂଜାରୀ ଏବଂ ନିର୍ଦ୍ଦେଶକ ସତ୍ୟରଂଜନ ମିଶ୍ର ମଂଚାସୀନ ଥିଲେ । ସଭା ଆରମ୍ଭରୁ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଲଳିତ ନାୟକଙ୍କୁ ଭଲ ପାଉଥିବା ଶତାଧିକ ଶ୍ରଦ୍ଧାଳୁ ଏହି ଶ୍ରଦ୍ଧାଂଜଳି ସଭାରେ ଯୋଗଦାନ କରି ତାଙ୍କ ବହୁମୁଖୀ ପ୍ରତିଭା ଓ ନିଃସ୍ୱାର୍ଥପର ସମାଜସେବା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ବୁବୁ ଉଦ୍‌ଗାତାଙ୍କ 'ଚଲୋ ହମ୍ ଲେ ଚଲେ' ଗୀତ ଏବଂ ନିଗମାନନ୍ଦ ନାଥଙ୍କ କବିତା ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଭାବପ୍ରବଣ କରି ପକାଇଥିଲା ।

# କବି ଆନଂଦଙ୍କର୍ କବିତା ବହି 'ଅଂଘେ ଉଁକିଆ'

ସାବିତ୍ରୀ ପୁରୋହିତ



ଇ କବିତା ମତେ ମାଏଲା ଦେଖ୍‌ତ'.... ଇ କବିତା ମତେ ସାଏଲା । କବି ହେଲିଁ ବଲି ଦୋଷ୍ କଲିଁ, ଇତାର୍ ହେତାର୍ ଦାଏକା ଶୁନ୍‌ଲିଁ, ଇ କବିତାର୍ ରସେ ରସି କରି ହର୍‌ଘଡ଼ି ହେଲିଁ ଘାଏଲା । କବିର୍ ମନ୍‌କେ କିଏ ବୁଝ୍‌ସି ? ଦୁଖର୍ ଭାର୍ ତାର୍ ଲୁଦର୍ ଲୁଦର୍ ଜାଁକି ହେଇକରି ପଞ୍ଜରା ଭାଙ୍ଗ୍‌ସି । ହେଲେ ଫେର୍ କହେସି କବି, ଯାହା ହେଲେ ହେବା ଦେଖାଯିବା । ଅଁଟା ଭିଡ଼ିଛେଁ, କଲମ୍ ଚଲ୍‌ବା.. ଛ' ଖଁଡ଼୍ କାଠେ ଶୁଇମି ଯେଭେ ଇ କବିତା ଏକ୍‌ଲା ମୋର୍ ସାଙ୍ଗେ ଯିବା । ଇଟା ହଉଛେ ଗୁଟେ କବିର୍ ପରିଚୟ ।

କାଣା ଆଏ ଇ କବିତା ? ଇତାକେ ଯେତ୍‌କି ଭାବିଛେଁ ସେ ମତେ ସେତ୍‌କି ଭାବ୍‌ବାର୍ କେ ଛାଡ଼ି ଦେଇଛେ ଏକ୍‌ଲା... ରହସ୍ୟମୟୀ ଛଳ୍‌ମୟୀ ପ୍ରେମିକାଟେ ବାଗିର୍ । ତାକେ ଯେତ୍‌କି ପାଶୁଁ ଦେଖ୍‌ମି ବଲୁଛେଁ, ସେତ୍‌କି ଦୂର୍‌କେ ପଲଉଛେ । ମରୁଭୂଇଁର୍ ମୃଗତୃଷ୍ଣା ଲେଖେନ୍ ମୁଇଁ ତାକେ ନୁରି ହଉଛେଁ, ଝୁରି ହଉଛେଁ ଇନେ, ହେନେ, ସେଠାନେ... ସବୁଠାନେ । ସବୁନେ ଦିଶୁଛେ ଇଏ । ଗର୍‌ହନ୍ ଖଁଡ଼ିଆ ଜନ୍ ଥିଁ ହଁସୁଛେ ମୁଲ୍‌ମୁଲ୍ । ତାର୍ ହଁସି ଥି ହଁସୁଛେ ମହୁଲ୍ କୁଁଚି, ଆମ୍ ବଉଲ୍ । ଷୁଲ୍‌ହ ବଏସୀ ତାର୍ ସେମିଜ୍ ତଲେ ଲୁକେଇ ଥିବାର୍ କଅଁଲିଆ ସପନ୍‌ନୁଁ ଧରିକରି ଚାଷୀ ମହରା ପିଇବାର୍ ଯାଏ ପଲଉଛେ କବିତା । ବ୍ଲୁ ସିଡ଼ିର୍ ମାୟାଜାଲେ ମକ୍‌ରା ବାଗିର୍ ଛଟ୍‌କି ଛିଟ୍‌ରି ପ୍ଲସ୍ ଟୁ ପଢ଼୍‌ବାର୍ ଟୁକେଲ୍‌ଟା ଉଚ୍‌କି ଛିଡ଼େଇ ମର୍‌ବାର୍ ଯାଏ ଖେପି ଯାଉଛେ କବିତା । ଘାଏ ଘାଏ ବଡ଼ା ତାଏଲ୍ ଡର୍ ଲାଗ୍‌ସି ଇତାକେ । କେନ୍‌କେ ନେଇ କରି ଇଏ ମତେ ଛାଡ଼୍‌ବା ? କେନ୍ ଅଥଲ୍ ସାଗର୍ ଗହେରେ ହଜେ ଦେବା ମୋର୍ ଲେଖେନ୍ 'କବି' ବଲ୍‌ବାର୍ ଝନେକେ ? ସୁନ୍ଦ୍‌ରୀ ଟୁକେଲ୍ କେ ଏସିଡ୍ ମାଡ଼୍ ହେଲେ କବିତା କାନ୍ଦୁଛେ । ପଏସାଖିଆ ବର୍‌ମସିଆ ଡାକ୍‌ତର୍‌ଟା ପେଟ୍ ଭିତ୍‌ରେ ନ ଝି' ଛୁଆକେ ଚିରିଫାରି ଦେଲେ କବିତା କୁହୁରୁଛେ । ନାବାଳିକା ଛାତ୍ରୀ କେ ନେଇ କରି ଫେରାର୍ ହେଇ ଯାଇଥିବାର୍ ଅଲ୍‌ପାଏସିଆ ଟିଉସନ୍ ମାଷ୍ଟର୍ ଟା ତାକେ ବଲାତ୍କାର କରି କରି ଟଁଟି ଚିପି ଦେଲେ କବିତା ମୋର୍ ଉକ୍‌ବୁକେଇ ଯାଉଛେ । ନୂଆ ଭୂଆସେନ୍ ଲାଜେ ହେବାର୍ କେ ଗଲେ ବେଲ୍ ନାଇଁ ପାଇ । ଦେହେଁ ଥୁ ତାର୍ ଉତ୍‌ରି ଯାଉଛେ ବନ୍ଦ୍‌ନା ଶାଢ଼ୀ । ଗୁଟେ ମାଚିସ୍ ଖାଡ଼ି । ସରି ସରି ଯାଉଛେ ସପନ୍, ଜଳି ଯାଉଛେ କରମ୍ । ଭର୍‌ମି ଯାଉଛେ...ଡର୍‌ହେ ସର୍‌ମି ଯାଉଛେ କବିତା.. ।

ଇ ଗିଲ୍‌ଗିଲା ଅନ୍ଧାରେ ହବ୍‌ଡ଼େଇ ଢୁଡ଼୍‌ମେଇ ହେଲେ ବି କବି କେନେ ଆଶା ଛାଡ଼ି ପାରିଛେ ଭାଏଲ୍ ? ଆବ୍‌ରି ବସ୍‌ବାର୍ କେ ନୁରି ଆନ୍‌ବାର୍ କେ ତାର୍ ବଡ଼ା ମନ୍... ଅନ୍ଧାର୍ ଭିତ୍‌ରୁ ଉଁକିଆକେ, ଅଂଘା କରି ଧର୍‌ବାର୍ କେ, ପୁଟ୍‌ଲାବାର୍ କେ ଆର୍ ଦିହିଁ, ମନ୍, ଆତ୍ମା କେ ସର୍‌ସରା କର୍‌ବାର୍‌କେ ।

ଏନ୍‌ତା ଝନେ ଆମର୍ ଭାଷାର୍ ବର୍‌କସ୍ ଯୁଆନ୍ କବି ଆନଂଦ ଚଂଦ୍ର ସାହୁ ଆର୍ ତାଁକର୍ କବିତା ବହି 'ଅଂଘେ ଉଁକିଆ' । ଅଁଟେ ଉଁକିଆ ଥି କେନେ ମନ୍‌ବୋଧ୍ ହେଇଥିତା ? ଅଂଘା କରି ଧରିଛନ୍ କବି, ଯେତ୍‌କି ଆବ୍‌ରି ପାର୍‌ବେ । 'ଅଂଘେ ଉଁକିଆ', ଇ ନାଁଟା ନ ତାର୍ କାହାନୀ ବୟାନ୍ କରୁଛେ ଅପନେ ଆପ୍ । ଅଏଧିକା କଥା କହେବାର୍ କେ ନାଇଁ ପଡ଼େନ' କାଏଁସେ ।

ନିଜ୍‌କେ ନିଜେ ଘାଏ ଘାଏ ପଚ୍‌ରାସନ୍ କବି.... କବିତା ମୁଇଁ କାଏଁଯେ ଲେଖ୍‌ସିଁ ? କାଏଁଯେ କବିତା ଥି ସପନ୍ ଦେଖ୍‌ସିଁ, ହବଡ଼େଇ ହେସିଁ, ଉସତ୍ ହେସିଁ, ରସୋ ରସୋ କାନ୍ଦ୍‌ସିଁ, ଡେନାବାହାଁ ପେସ୍‌ରେଇ ସାଆଁଟି ପକାସିଁ ଆକାଶ୍ କେ, ଉଁକିଆ କେ, ଶୂଇନ୍ କେ, ଧୁକା କେ, ଅନ୍ଧାର୍ କେ ବି । କେତେବେଲେ ତତାପନା, ତ କେତେବେଲେ ତନାବନା । କବି କହେସନ୍ - 'ଧାଏତ୍.... ଚୁଇଲ୍ କେ ଯାଉ ହୋ' / ତମର୍ ହଜ୍‌ଲା କାନ୍‌ଫୁଲ୍ / ଚାହା ଟିକେ ଡବ୍‌କେଇ ଦିଅ / ପାଖେ ଟିକେ ବସ'.... / ଫୁଲେଇ ଫୁଲ୍ ଲେଖେଁ ଟିକେ ଆଡ଼୍ ଆଁଖିଆ ଦେଖ' / ପୁନି ଜନ୍ ଲେଖେଁ ଘାଏ ହଁସ'.... ।'

ମାହାପୁରୁ କେ କେନେ ନୁର୍‌ସ' ହୋ ତମେ ? କେନ୍ କାଲୁ ଯେ କେଜାନେ.. ଫୁଲେ ପଖ୍‌ନେ, ଭୁକେ, ଶୁଷେ, ଦୁଖେ, ସୁଖେ, ମହାଶୂଇନ୍ ନେ, ଆବାହନେ, ବିସର୍‌ଜନେ, ଜନ୍‌ମେ, ମର୍‌ନେ, ନୁରୁଥ' ହୋ ନୁରୁଥ' । ମୁଇଁ ଛାର୍‌ଛିକ୍‌ଲା କବି, ମତେ 'ମାନବ୍‌ବାଦ୍' ନୁକୋ ରୁଚ୍‌ସି । ଧୂଇଲ୍ ମାଏଟ୍ ମୁନୁଷର୍ ଦୁଖ୍ ଦେଖ୍‌ଲେ ଛାତି ମୋର୍ ରଚ୍ କର୍‌ସି । ଏନ୍‌ତା ମାନ୍‌ବାଦୀ କବିତା ଗୁଟାଦୁଁକର୍ ଝଲକ୍ ଦିଶ୍‌ସି କବି ଆନଂଦଙ୍କର୍ କେତେଟା କବିତା ଥି - 'ପଖ୍‌ଲେଇ ହେଇଯିମି', 'ତମର୍ ଛାତିର୍ କର୍‌ପନେ', 'ମୋର୍ ଉଡ଼ାନ୍', 'ଅଧିକାର୍ କାଇଛେ', 'ନେଇଁ ଥାଏନ', 'ଡାହିମାକ୍‌ରି ଖେଲିଛେଁ', 'କହି ପାର୍‌ବୁ', 'କାଏଁ ଦୁଖ୍‌ମନା', 'ବର୍‌କସ୍ ହେଲା ବେଲ୍‌କେ' । ହନ୍ଦ୍‌ଲେଇ ହଉଛନ୍ କବି । କେତେ ଖୁଜାନୁରା ସତେ, କେତେ ହକ୍, କେତେ ଦାବୀଦାବା ଚାହିଦା, ଉର୍‌ଘା ବଥା । କବିଙ୍କର ଭାଷା ଥି - 'ନିଜର୍ ଆଏତେ ଆର୍ କିଛି ବି ନେଇଁନ' / ତିନ୍ ଭୂବନ୍ କେ / ଆବ୍‌ରି ସାରିଛେ / ତିନ୍‌ଟା ଗଖା ଗଖା ପାହା / ତମେ ମାଗୁଥିବାର୍ ହକ୍ ଉପରେ / ମୋର୍ ବି ଆର୍ ଅଧିକାର୍ କାଇଛେ !' (ଅଧିକାର୍ କାଇଛେଁ - ପୃ.୫୯)

ଗଛର୍ ଲାଗି ବି କବି ପରାନ୍ କାନ୍ଦୁଛେ । ଆହା.... 'ଏଛିନ୍ ଗଛ୍ କାନ୍ଦୁଛେ / ମୁନୁଷ୍ ହଁସୁଛେ... / ଯେତେବେଲେ ମୁନୁଷ୍ କାନ୍ଦ୍‌ବା / ଗଛ୍ ଆର୍ ନେଇଁ ଥାଏନ' / ହଁସ୍‌ବାର୍ ଲାଗି ।' (ନେଇଁ ଥାଏନ' - ପୃ. ୭୯) ।

ଗୁନ୍ଦ୍‌ଲେଇ ହେସି କବି ମନ୍ ... 'ହଏ ବୋ ଦଦା !/ କେତେ ଦର୍‌ପନ୍ ଦେଖୁଛୁ.... ଆକାଶ୍ ଥି ଜନ୍ ଦେଖିକରି / ଫଦୋ ଫଦୋ ନାଚୁଛୁ ଯେ' / କହି ପାର୍‌ବୁ / ଜନ୍ ଗାଁର୍ ଥିତି କି ଠିକ୍‌ନା !!' (କହି ପାର୍‌ବୁ - ପୃ.୮୨)


କବିର୍ ହୁରୁଦ୍ ତ ବିଶାଲ୍ ଆଏ । କାଏଁ ଦୁଖ୍‌ମନା .. ଇଥି କାଣା କହେବାର୍ ଅଛେ ହୋ' ! ଆକାଶ୍ ଗୁଟେ ଚିତ୍‌ରାଲେ ତ' ସୁରୁ ସୁରୁ ମେଘ୍ ବାଦଲ୍ ରୁଥି ଆଏବେ । ଯେତେ ବର୍‌କସ୍ ହେଲେ କାଁ ହେବା, ଘାଏ ଘାଏ କେନ୍‌ତା ଡର୍‌ଟେ ବି କାବୁ କର୍‌ସି କବି ମନ୍‌କେ । କାଁକରି ବଏଲେ, ଅନ୍‌ମୁନ୍‌ଷିଆ ମାନେ ଚୁରେଇ ନେସନ୍ ଘାଏ ଘାଏ ... ହେଙ୍ଗର୍ ଥବ ଝୁଲୁଥିବାର୍ ଦିହିଁ ମାନ୍‌କୁ, ଫ୍ରିଜର୍ ଭିତ୍‌ରୁ ସୁତର୍ ଆଏଁଖ୍ ମାନ୍‌କୁ ଆରୁ ଉଲ୍‌ଟିଆ ଗଛର୍ କର୍‌ପନୁ ଲାଲ୍ ଟହ ଟହ କଲ୍‌ଜା କେ ।'

କବି ପ୍ରାଣ୍ ବିଦ୍ରୋହ କର୍‌ସି ଘାଏକର୍ ମାଏନ୍ । ଫେର୍ ମନ୍ ଭୁର୍‌ତା କଥା । ସହଜ୍ ସରଲ୍ ମନ୍ ତାର୍ ଭୁର୍‌ତି ଯାଏସି । ଛାତିକେ ଛିଇଁସି, ଫୁଲ୍ ଫଗୁନ୍‌ର କଥା, ଦେହେଁ ଦହନ୍‌ର କଥା, ପ୍ରେମ୍ ପାର୍ବଣ୍ ଆରୁ ସମର୍ପଣ୍‌ର କଥା । ସନ୍ଥ କବୀର୍ ବଏଲେ - 'ଜଲ୍ ମେ ବସୈ କମୋଦିନୀ ଚନ୍ଦା ବସୈ ଆକାଶ୍, ଯୋ ହେ ଜାକେ ଭବ୍‌ତା ସେ ତାହି କେ ପାଶ୍ ।' ଯାହାର୍ ମନ୍ ଯେନ୍‌କେ ରସେ, ମଲି ଫୁଲ୍ ଫୁଲ୍ ବାସେ । ପ୍ରେମ୍ ରସ୍ ଥି ସର୍‌ସରା କବିଙ୍କର୍ କଲମ୍ ଥୁ ଉତ୍‌ରି ଥିବାର୍ କବିତା ଦୁରା ହେଲା - ଖୁଷା ଥି ଖୁଚ୍‌ବ', ଖଲ୍ ଖଲ୍ ବୁହୁଥିମିଁ, ଭେଟ୍ ପଡ଼୍‌ମା ଯେ, ତମେ ବି ତ', ଜୁଏହୁଲା ହେଇଯିମା, କାଏଁଯେ ଡର୍‌ମି, ଦେଖି ନେଇଥିମା, ପାଇ ଯାଉଥିସୁଁ, ଗୁର୍‌ଦୁ ବାଟ୍, ଭିଜେଇ ଦେବୁ ମତେ, ନଏଦ୍ ଟେ ହେଇ, ଅମ୍‌ରୁତ୍ ବେଲା, ମସ୍‌ଗୁଲ୍ ଦୁନିଆଁ, ହୁର୍‌ହୁରିଆ ଗୀତ୍, ଖାସ୍ ତୁମର୍ ପାଶ୍‌କେ, ମୁଇଁ ବି ତମର୍ ମେତାନ୍.... ବାଗିର୍ କବିତା ମାନେ ।

ଚଲ୍ କର୍‌ସି ଛାତି ଇ କବିତା ଗୁଟ୍‌କ ପଢ଼୍‌ଲେ - 'ଯଦି କେଭେ ବି ସମିଆଁ ମିଲ୍‌ବା ବଏଲେ / ପିଠ୍ ଥି ବସେଇ କରି ତମ୍‌କୁ / ଆକାଶ୍ ବୁଲେଇ ନେମି / ଟପୋ ଟପୋ ତରା ତୁଲ୍‌ବ' / ଆର୍ ତୁମର୍ ଖୁଷା ଥି / ଖୁଚି ହେବ ମନ୍‌କେ ମନ୍ ।' (ଖୁଷା ଥି ଖୁଚ୍‌ବ'- ପୃ.୪୪)

ଫେର୍ କବି କହେସନ୍ - 'ମୁଇଁ ଡଙ୍ଗା କି ଡଙ୍ଗାବାଲା / ନେଇଁ ହେଇଥିମି ବି / ମାତର୍‌କ' ସଁପୁର୍ ନଏଦ୍‌ଟେ ହେଇ / ଖଲ୍ ଖଲ୍ ବୁହୁଥିମି ହର୍‌ମେସା / ତମର୍ ଛାତି ତଲର୍ ଆମ୍‌ବୁରେଇ ତରା ଥି ।' (ଖଲ୍ ଖଲ୍ ବୁହୁଥିମି - ପୃ.୪୩)

ମନ୍‌କେ ଇ ପ୍ରେମ୍ କବିତାର୍ ନୁଁ ହଟେଇ ନେଇଁ ହେବାର୍‌ନ' । ଇ ପଦ୍‌କ' ନାଇଁ କହେଲେ ଉକ୍‌ବୁକା ଲାଗ୍‌ବା । 'ତୁମର୍



# ପ୍ରକୃତ ଚାଷୀଙ୍କୁ ମିଳୁନି ସରକାରଙ୍କ ସହାୟତା, ପିଆଜ ଘର ହରିଲୁଟ ପଛରେ ସବସିଡି ପାଇଁ ରାଜନେତାଙ୍କ ମୋହ : ତଦନ୍ତ ପାଇଁ ଦାବୀ



ସଇଁନ୍ତଲା, (ନିପ୍ର) : ସାରା ରାଜ୍ୟରେ ଅନ୍ୟ ଜିଲ୍ଲା ଅପେକ୍ଷାରେ ବଲାଙ୍ଗିର ଜିଲ୍ଲା ପିଆଜ ଚାଷ ପାଇଁ ବେଶ୍ ଜଣାଶୁଣା । ପିଆଜ ଚାଷ ପାଇଁ ଚାଷୀମାନଙ୍କ ମନରେ ଆଗ୍ରହ ରହିଥାଏ । ତେବେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅନେକ ଯୋଜନା ରହିବା ସହ ଅନେକ ଚାଷୀମାନଙ୍କୁ ମିଳି ପାରୁଛି । ଏହି ଯୋଜନା ମାଧ୍ୟମରେ ଚାଷୀ ପିଆଜ ଅମଳ କରିବା ପରେ ସଂରକ୍ଷଣ କରିବା ପାଇଁ ସରକାର ପିଆଜ ଘର ଯୋଜନା କରିଛନ୍ତି । ଏହି ପିଆଜ ଘର ନିର୍ମାଣ କରିବା ପାଇଁ ସରକାର ଲୋକଙ୍କୁ ଅନୁଦାନ ମଧ୍ୟ ଯୋଗାଉଛନ୍ତି । ଏଥିରେ ଅଧା ଟଙ୍କା ସବସିଡି(ଛାଡ) ବି ଦିଆଯାଉଛି । ତେବେ ଏହି ସବସିଡିରେ ବ୍ୟାପକ ଅନିୟମିତତା ହେଉଥିବା ବେଳେ ପ୍ରକୃତ ଚାଷୀଙ୍କୁ ସହାୟତା ମିଳୁ ନଥିବା ଅଭିଯୋଗ ହେଉଛି । ଫନ୍ଦି ଫିକର କରି ଅନେକ ଧନୀ ଲୋକେ ଯୋଜନାରେ ଫାଇଦା ନେଉଥିବା ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏଭଳି ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଅଂଚଳରେ । ତେବେ ଏଭଳି ଭାବରେ ଅନେକ ଥର ଯୋଜନାର ହରିଲୁଟ ହେଉଥିବା ସାମ୍ନାକୁ ଆସିଥିବା ବେଳେ ତଥାପି ବ୍ୟବସ୍ଥାର କୌଣସି ପରିବର୍ତନ ହେଉନଥିବା ଜଣାପଡିଛି । ଓଲଟା ଯୋଜନାରୁ ହରିଲୁଟ କରିବା ପାଇଁ ବାରମ୍ବାର ପ୍ରୟାସରେ ଥିଲା ଲୋକ ହି ସଫଳ ହେଉଛନ୍ତି । ତେବେ କରମତଲା ପଂଚାୟତର ଚାଷୀ ସତ୍ୟନାରାୟଣ ବୁଡେକ, ସୁରେନ୍ଦ୍ର ରଣା, ବାସୁ ମଲ୍ଲିକ, ବୃନ୍ଦାବନ ନାଏକ ଭଳି ଅନେକ ଚାଷୀ ଧାନ ଅମଳ ହେବା ପରେ ନିଜ କ୍ଷେତରେ ପିଆଜ ଚାଷ କରୁଥିବା ଦେଖିବାକୁ ମିଳିଛି । ଅନେକ ପିଆଜ ଚାଷୀମାନେ ଏହି ସରକାରୀ ଯୋଜନା ଓ ଅନୁଦାନରୁ ବହୁ ଦୂରରେ ଥିବା ଅଭିଯୋଗ ହୋଇଛି । କିଛି ମାସ ତଳେ ଦେଶରେ ପିଆଜ ଦର ବୃଦ୍ଧି ଯୋଗୁଁ ଖାଉଟି ୮୦ ଟଙ୍କା ଦେଇ ମଧ୍ୟ କିଣିବାକୁ ବାଧ ହୋଇଥିଲା । ତେବେ ସେହି ସମୟରେ ପିଆଜ ସଂରକ୍ଷଣ କରିବା ପାଇଁ ଜିଲ୍ଲାରେ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଶୀତଳ ଭଣ୍ଡାରର ପ୍ରତିଷ୍ଠା କରାଯାଉ ବୋଲି ଦୀର୍ଘ ବର୍ଷ ତଳେ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଥିଲା । ଟିଟିଲାଗଡରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇଥିବା ବେଳେ ତାହା ଫେଲ୍ ମାରିଥିବା ଲୋକଙ୍କ ମଧ୍ୟରେ ଆଲୋଚନା ଏବେ ଜୋର୍ ଧରିଛି, ଖାଉଟିଙ୍କୁ ଚଢାଦରରେ ପିଆଜ କିଣିବାକୁ ପଡିଥିବା ବିଷୟ ଏହାର ପ୍ରତ୍ୟକ୍ଷ ପ୍ରମାଣ ବି ହୋଇପାରେ । ଅନ୍ୟପକ୍ଷରେ ଶହ ଶହ କ୍ୱିଂଟାଲ ପିଆଜ ମଧ୍ୟ ନଷ୍ଟ ହୋଇଥିଲା ସେତେବେଳେ । ତେବେ ସେହି ଦିନ ଠାରୁ ଅଦରକାରୀ ହୋଇ ପଡିରହିଛି ଟିଟିଲାଗଡ ଶୀତଳ ଭଣ୍ଡାର । ଅନ୍ୟପଟେ ଜିଲ୍ଲାର ପିଆଜ ଚାଷ କରୁଥିବା ଚାଷୀଙ୍କ ପିଆଜ ସଂରକ୍ଷଣ କରିବା ପାଇଁ ପିଆଜ ଘରର ପରିକଳ୍ପନା କରିଥିଲେ ରାଜ୍ୟ ସରକାରଙ୍କ କୃଷି ବିଭାଗର କର୍ମଚାରୀମାନେ । କିନ୍ତୁ ତାହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚୁ ନ ଥିବା ଅଭିଯୋଗ ହେଉଛି । ଏବେ ଚର୍ଚ୍ଚା ହେଉଛି ନିର୍ବାଚିତ ଲୋକ ପ୍ରତିନିଧି, ବ୍ୟବସାୟୀଙ୍କୁ ମିଳିଛି ପିଆଜ ଘରର ସୁବିଧା ଓ ଅନୁଦାନର ବିଷୟ । ଏହାକୁ ନେଇ ପ୍ରକୃତ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦ କେଉଁଠି କରିବେ ଚାଷୀ, ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ସେମାନଙ୍କ ଭିତରେ । ସୂଚନା ମତେ ଟିଟିଲାଗଡ ଉଦ୍ୟାନ ବିଭାଗ ପକ୍ଷରୁ ପିଆଜ ଘର ପାଇଁ ଗତ ୧୨ ତାରିଖରେ ଚିଠି ସଂଖ୍ୟା-୨୩ ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି । ତେବେ ସଇଁନ୍ତଲା ବ୍ଲକରେ ୨୨ଟି ପଂଚାୟତ ମଧ୍ୟରୁ ୩୧ ଜଣଙ୍କୁ ପିଆଜ ଘର ବାବଦରେ ୮୭ ହଜାର ଟଙ୍କା ଲେଖାଏଁ ଅନୁଦାନ ପାଇଁ ଅନୁମତି ମିଳିଥିବା ଜଣାପଡିଛି । ପ୍ରକାଶ ଥାଉକି ଯେ,ଏହି ଟଙ୍କାରୁ ଅଧା ଟଙ୍କା ସବ୍‌ସିଡିରେ ଛାଡ ବ୍ୟବସ୍ଥା ରହିଛି । ଏଣୁ ଫନ୍ଦି କରୁଥିବା ଲୋକଙ୍କ ଲୋଲୁପ ନଜର ପଡିଛି ଯୋଜନା ଉପରେ । ମିଳିଥିବା ତଥ୍ୟ ଅନୁସାରେ ବ୍ଲକର କରମତଲା ପଂଚାୟତରେ ୧୦ ଜଣଙ୍କୁ ପିଆଜ ଘର ପାଇଁ ଚୟନ କରାଯାଇଛି । ଏହି ଚୟନରେ ସରପଂଚଙ୍କ ବୋହୂ, ସମିତି ସଭ୍ୟ ଓ ପୂର୍ବତନ ବଲାଙ୍ଗିର ସାଂସଦ କଳିକେଶ ନାରାୟଣ ସିଂଦେଓଙ୍କ ଏକାନ୍ତ ଅନୁଗତ କୁହାଯାଉ ଥିବା ଜଣେ କଲେଜର ଅଧ୍ୟାପକଙ୍କ ପତ୍ନୀଙ୍କୁ ମଧ୍ୟ ପିଆଜ ଘର ତାଲିକାରେ ସାମିଲ ହୋଇଥିବା ଜଣାପଡିଛି ।

ରାଜନେତାମାନଙ୍କୁ ଚୟନ କରାଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ବାଟବଣା କାହିଁକି ବୋଲି ସଇଁନ୍ତଲା ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ଭୋଇ କହିଛନ୍ତି । ସଇଁନ୍ତଲା ବ୍ଲକ କଂଗ୍ରେସ ସଭାପତି ଗୁଣ ସାଗର ମାଝୀ ଦାବୀ କରିଛନ୍ତି ଯେ, ପ୍ରକୃତ ଚାଷୀଙ୍କୁ ଏହି ସୁଯୋଗ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ ହେବ । ଅନ୍ୟପଟେ ଯିଏ ପ୍ରକୃତ ଚାଷୀ ସେମାନେ ଯୋଜନାରୁ ବଂଚିତ ହୋଇଛନ୍ତି । ମନଇଚ୍ଛା ଲୋକଙ୍କୁ ଯୋଜନାରେ ସାମିଲ କରାଯିବା ଯୋଗୁଁ ପିଆଜ ଘର ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନ ଉଠିଛି । ଅପର ପକ୍ଷରେ ପୁଣି ଥରେ ତଦନ୍ତ କରି ପ୍ରକୃତ ଚାଷୀଙ୍କୁ ସହାୟତା ଦିଆଯାଉ ବୋଲି ଆଇନଜୀବୀ ରଞ୍ଜନ ବାରିକ ଦାବୀ କରିଛନ୍ତି ।

# କରୋନା କଟକଣା ମଧ୍ୟରେ ଏନଏସି. ସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ : କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



କଂଟାବାଞ୍ଜି, (ନିପ୍ର) : କଂଟାବାଞ୍ଜି ଏନ.ଏ.ସି. ସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ କରୋନା ମହାମାରୀ କଟକଣା ମଧ୍ୟରେ ପାଳିତ ହୋଇଯାଇଛି । ଚଳିତ ବର୍ଷ ଏନ.ଏ.ସି.ର କୌଣସି ଶିକ୍ଷାନୁଷ୍ଠାନ ପରେଡ୍‌ରେ ସାମିଲ ନ ଥିଲେ ମଧ୍ୟ କେତେକ କରୋନା ଯୋଦ୍ଧା, ପୋଲିସ, ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବୀ ମହିଳା ସଂଗଠନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଧୁମ୍‌ଧାମରେ ପାଳିତ ହୋଇଛି ସାଧାରଣତନ୍ତ୍ର ଦିବସ । ଏହି ଦିବସ ପାଳନ ଅବସରରେ କରୋନା ଯୋଦ୍ଧା, ସାମାଜିକ କର୍ମୀ, ଅବସରପ୍ରାପ୍ତ ଶିକ୍ଷକ ଏବଂ ବିଭିନ୍ନ ଶିକ୍ଷା କ୍ଷେତ୍ରରେ ସହରର ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଉପଢୌକନ ଏବଂ ଟ୍ରଫି ଦେଇ ସମ୍ମାନିତ କରାଯାଇଛି । କରୋନା ଯୋଦ୍ଧା ସବ୍‌ଇନ୍ସପେକ୍ଟର ହୀରା ଖାଲକୋ, ହୋମଗାର୍ଡ ଜିତେନ୍ଦ୍ର ଖୁରା, ଫାୟାରମେନ ପୁନେଇ ଟପ୍ପ, ରଂଜିତ ମିଂଜ, ଏସ.ଡି.ପି.ଓ. ଅଫିସ୍‌ର କନେଷ୍ଟବଲ ଦିଲିପ କୁମାର କୁଅଁର, ତହସିଲଦାରଙ୍କ ଡ୍ରାଇଭର ଆଲୋକ ଛତ୍ରିଆ, ଉମାଦିନି ସାଗର, ଓମପ୍ରକାଶ ସିଂହ, ସଫେଇ କର୍ମଚାରୀ ଫିରୋଜ କୁମ୍ଭାର, ଦେବାନନ୍ଦ ହାତୀ, ପବନ ବାଗ, ଆଇ.ସି.ଡି.ଏସ. କର୍ମଚାରୀ ନିରୁପମା ଦାସ ପ୍ରମୁଖ ସମ୍ମାନିତ ହୋଇଛନ୍ତି । ଏହି ଅବସରରେ ଏନ.ଏ.ସି.ର ପରିମଳ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ୩ଟି ବ୍ୟାଟେରୀ ଚାଳିତ ଟେମ୍ପୁକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଗ୍ରୀନ ସିଗ୍‌ନାଲ୍ ଦେଖାଇ ଶୁଭାରମ୍ଭ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏନ.ଏ.ସି. ସ୍ତରୀୟ ଜାତୀୟ ପତକା ଉତ୍ତୋଳନ କରି ତାଙ୍କ ଅଭିଭାଷଣରେ ଦେଶର ଏକତା ବଜାୟ ରଖିବା ପାଇଁ ସମସ୍ତ ନାଗରିକ ଏକ ହୋଇ ଦେଶ ପାଇଁ କାମ କରିବା ପାଇଁ ସନ୍ଦେଶ ଦେବା ସହ କଂଟାବାଞ୍ଜି ଏନ.ଏ.ସି.କୁ ମଧ୍ୟ ରାଜ୍ୟର ଏକ ନମ୍ବର ଏନ.ଏ.ସି. ରୂପେ ଗଢି ତୋଳିବା ପାଇଁ ସହଯୋଗ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ଅଶୋକ କୁମାର ମାଝି, ଏସ.ଡି.ପି.ଓ. ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥୀଭାବେ ମଂଚାସୀନ ଥିଲେ । ନିର୍ବାହୀ ଅଧିକାରିଣୀ ସାମ୍ନି ରେଡି ଜୟଶ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମାଷ୍ଟର ଅଫ ସେରେମନି ସତ୍ୟବ୍ରତ ମିଶ୍ର ମଂଚ ପରିଚାଳନା କରିଥିବା ବେଳେ ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ । କାର୍ଯ୍ୟକ୍ରମ ପରେ ସୃଜନ ସଙ୍ଗୀତ ବିଦ୍ୟାଳୟର ଅମର ବାଗଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଏବଂ ଅନେକତାରୁ ଏକତା ଉପରେ ଏକ ସଙ୍ଗୀତ ରୂପକ ନାଟକ ମଂଚସ୍ଥ ହୋଇଛି, ଯାହା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ଦେଶସେବାର ସନ୍ଦେଶ ମଧ୍ୟ ଦେଇଥିଲା । ଏହି ସଂଦେଶ ଆଗକୁ ନିହାତି ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି କୁହାଯାଇଛି ।



# ବନ୍ଧପଡ଼ା ଓ ଅର୍ଜୁନପୁରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରିବା ନେଇ ଶିକ୍ଷା ମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ



ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ଅର୍ଜୁନପୁର ଓ ବନ୍ଧପଡ଼ାରେ ଦୁଇଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କଲେଜ) ସ୍ଥାପନ କରିବାକୁ ବଲାଙ୍ଗୀର ଗସ୍ତରେ ଆସିଥିବା ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର ।

ଏହି ଅଂଚଳରେ କଲେଜ ନ ଥିବାରୁ ଉଚ୍ଚ ଶିକ୍ଷାରୁ ବଂଚିତ ହେଉଛନ୍ତି ଛାତ୍ରଛାତ୍ରୀମାନେ । ଅର୍ଜୁନପୁର ଓ ବନ୍ଧପଡ଼ା ଅଂଚଳରେ ଥିବା ୧୬ଟି ପଂଚାୟତର ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଜୁନପୁର ଓ ବନ୍ଧପଡ଼ା ହାଇସ୍କୁଲକୁ ଉନ୍ନୀତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ଦାବୀ କରାଯାଇଛି । ଏହି ସମୟରେ ଦେଓଗାଁ ବ୍ଲକର ପୂର୍ବ ଅଧ୍ୟକ୍ଷ ଲକ୍ଷଣ ମେହେର, ସରପଂଚ ସଂଘ ସଭାପତି ଦୟାନିଧି ଖମାରୀ, ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର ସାହୁ, ଉଡ଼ାର ସମିତି ସଭ୍ୟ ଟିକେଚନ ସାହୁ ଉପସ୍ଥିତ ଥିଲେ ।

# ସି.ଆର.ପି.ଏଫ୍.ରେ ଯୋଗଦେବେ କର୍ଲାମୁଣ୍ଡା ଝିଅ ସୌମ୍ୟାରାଣୀ

କର୍ଲାମୁଣ୍ଡା : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପାଇଁ ଖୁସିର ଖବର । କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସି.ଆର.ପି.ଏଫ୍)ରେ ଯୋଗ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ଏଇ ବ୍ଲକର ସରଗୁଲ ଗ୍ରାମର ପ୍ରଭାତ କୁମାର ହୋତା ଓ ଶାନ୍ତିପ୍ରିୟା ହୋତାଙ୍କ କନ୍ୟା ସୌମ୍ୟାରାଣୀ ହୋତା । ସେ ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜରୁ ଚଳିତ ବର୍ଷ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ ।

ଗତ କିଛି ବର୍ଷ ହେଲା ନିୟମିତ ଭାବେ ସକାଳେ ଓ ସନ୍ଧ୍ୟାରେ ଦୌଡିବା ସହ ଯବାନ ହେବା ପାଇଁ କଠିନ ପରିଶ୍ରମ କରୁଥିଲେ । ଏଥର ସେ ସି.ଆର.ପି.ଏଫ୍. ଯବାନ ହେବାପାଇଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କର୍ଲାମୁଣ୍ଡା ବ୍ଲକର ପ୍ରଥମ ମହିଳା ଯବାନ ହେବାର ଗୌରବ ଅର୍ଜନ କରିଛନ୍ତି । ଏଥିପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।



# ମାରୱାଡ଼ି ମହିଳା ସମିତି ତରଫରୁ ରକ୍ତଦାନ ଶିବିର ଉଦ୍‌ଯାପିତ



ଟିଟିଲାଗଡ, (ନିପ୍ର) : ଆଜି ଟିଟିଲାଗଡ ସ୍ଥିତ ମହାବୀର ଧର୍ମଶାଳାରେ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମିଳନୀର ଟିଟିଲାଗଡ ଶାଖା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଷ୍ଟେଟ ବ୍ୟାଙ୍କ ଟିଟିଲାଗଡ ଶାଖା ସହଯୋଗ କରିଥିଲା । ବଜରଙ୍ଗ ଲାଲ ଜୈନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଟିଟିଲାଗଡ ଏସବିଆଇ ବ୍ୟାଙ୍କର ମ୍ୟାନେଜର କରୁଣାକର କୁମୁଡ଼ା ସମ୍ମାନୀୟ ଅତିଥି ଭାବେ, ବଲାଙ୍ଗୀର ରେଡକ୍ରସର ରାମ ନାରାୟଣ ଦାସ, ମୋହନ ଲାଲ ଜୈନ ମୁଖ୍ୟ ବକ୍ତା ଭାବେ ଓ ମାରୱାଡ଼ି ମହିଳା ଶାଖାର ଅଧ୍ୟକ୍ଷ ସଙ୍ଗୀତ ଅଗ୍ରୱାଲ ମଂଚାସୀନ ଥିଲେ ।

ଏହି କାର୍ଯ୍ୟକ୍ରମ ହ୍ୟୁମାନ ଡିଭୋସନ ଚେରିଟେବଲ୍ ଟ୍ରଷ୍ଟର ଜିଲ୍ଲା ସଭାପତି ମିଳନ କୁମାର ବାରିକଙ୍କ ସହଯୋଗ ଓ ଡା. ପିକେ ନାଏକଙ୍କ ତତ୍ତ୍ୱାବଧାନରେ ଟିଟିଲାଗଡ ମୁଖ୍ୟ ଡାକ୍ତରଖାନାର ରକ୍ତଭଣ୍ଡାର ଟେକ୍ନିସିଆନ ଗଜେନ୍ଦ୍ରନାଥ ରାଉତ, ଇନ୍ଦ୍ରମଣି ମେହେର, ବିନୟ କୁମାର ସାହୁ, ଜୟରାମ ମଛଖଣ୍ଡ, ବଳରାମ ବେହେରା ଆଦି ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଏସଡିପିଓ ଶ୍ରୀ ଶତପଥୀ ରକ୍ତଦାତା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

ଖବର ସଂଗ୍ରହ ହେବା ସମୟ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା କହିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେଓଗାଁରେ ସାଧାରଣତନ୍ତ୍ର ଦିବସ ପାଳିତ




ଦେଓଗାଁ, (ନିପ୍ର) : ଦେଓଗାଁ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟ ପାଣିଗ୍ରାହୀ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ଓ ସେବିକା ଅଂଶ ଗ୍ରହଣ କରିଥିଲେ ।

ଏହି ଉତ୍ସବକୁ ଗୁରୁଜୀ ଭବାନୀ ପ୍ରସାଦ ପୁରୋହିତ ସଂଯୋଜନା କରିଥିବା ବେଳେ ଗୁରୁଜୀ କୁନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗାଁ ହାଇସ୍କୁଲରେ ଯୁକ୍ତ ଦୁଇ ଶିକ୍ଷା ପାଇଁ ଦାବୀ ଜଣାଇଲା ବିଜୁ ଛାତ୍ର ଜନତା ଦଳ



ବଲାଙ୍ଗିର, (ନିପ୍ର) : ବରଗାଁ ସରକାରୀ ହାଇସ୍କୁଲର ଉନ୍ନତିକରଣ କରାଯାଇ ସେଠାରେ ଯୁକ୍ତ ଦୁଇ ଶିକ୍ଷା ଆରମ୍ଭ କରିବା ପାଇଁ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀଙ୍କୁ ଆଜି ଦାବୀ ଜଣାଇଛି ବିଜୁ ଛାତ୍ର ଜନତା ଦଳ । ମନ୍ତ୍ରୀ ସମୀର ଦାଶ ଗଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ ବଲାଙ୍ଗିର ଆସିଥିଲେ । ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଂପାଦକ ସୁମନ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ଦଳ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦେଖାକରି ଏ ସଂକ୍ରନ୍ତରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏହି ଦାବୀପତ୍ରରେ ବୈଦିପାଲି ଗ୍ରାମ ପଂଚାୟତର ଶିକ୍ଷା ବ୍ୟବସ୍ଥାକୁ ନେଇ ଦଳ ଚିନ୍ତା ପ୍ରକଟ କରିଛି । ଏହି ଅଂଚଳରେ ମୁଖ୍ୟତଃ ଗରିବ ପଛୁଆ ବର୍ଗର ଲୋକ ବସବାସ କରୁଥିବା ବେଳେ ଶିକ୍ଷାର ଅଭାବ ସେମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପ୍ରତି ବର୍ଷ ଏହି ଅଂଚଳରୁ ପ୍ରାୟ ୮୦ରୁ ୯୦ଜଣ ଛାତ୍ରଛାତ୍ରୀ ହାଇସ୍କୁଲ ପରୀକ୍ଷା ପାସ କରୁଛନ୍ତି । କିନ୍ତୁ ୨୦ କିଲୋମିଟର ଦୂରତା ମଧ୍ୟରେ କୌଣସି ଯୁକ୍ତ ଦୁଇ କଲେଜ ନଥିବାରୁ ସେମାନେ ଆଗକୁ ପଢି ପାରୁନାହାନ୍ତି । ତେଣୁ ବରଗାଁ ସ୍ଥିତ ସରକାରୀ ହାଇସ୍କୁଲର ଉନ୍ନତିକରଣ କରାଯାଇ ଏଠାରେ ଯୁକ୍ତ ଦୁଇ ପାଠ୍ୟକ୍ରମର ସୁବିଧା କରାଯାଇ ପାରିଲେ ବୈଦପାଲି, ଫୁଲଝରନ, ପରଧିଆପାଲି, ପ୍ରତାପରୁଦ୍ରପୁର, ବରଗାଁ, ଜନକପୁ, କର୍ଲାପିଟା ଓ ଘୁଷୁରାଡୁଙ୍ଗୁରି ଭଳି ଦଶ ଗୋଟି ଗାଁର ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପାଠ୍ୟକ୍ରମର ଲାଭ ଉଠାଇ ପାରିବେ ବୋଲି କୁହାଯାଇଛି ।

# ମାଣ୍ଡିଆଢିପା ପଂଚାୟତ ସ୍ତରୀୟ ଲକ୍ଷେଘର ଗଣ୍ଡା ସମାଜର ସାଧାରଣ ବୈଠକ



ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକ ମାଣ୍ଡିଆଢିପା ପଂଚାୟତ ସ୍ତରୀୟ ଲକ୍ଷେଘର ଗଣ୍ଡା ସମାଜର ସାଧାରଣ ସଭା ସମାଜସେବୀ କ୍ଷେତ୍ରୀ ଲୁହାରଙ୍କ ସଭାପତିତ୍ୱରେ ମାଣ୍ଡିଆଢିପା ପଂଚାୟତ ଅନ୍ତର୍ଗତ ମୁଢଲା ଗ୍ରାମଠାରେ ଅନୁଷ୍ଠିତ ହୋଇଥିଲା ।

ସଭା ଆରମ୍ଭରୁ ଆଦି ମୁନ୍ନା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅତିଥି ଭାବରେ ଲଳିତ ଜଗତ, ଦୁଃଶାସନ କୁମ୍ଭାର ଓ ଯୁଧିଷ୍ଠିର ଚାନ୍ଦ ଉପସ୍ଥିତ ରହି ନିଜର ସାମାଜ ସଂଗଠନ ସଂପର୍କରେ ମତବ୍ୟକ୍ତ ପ୍ରକାଶ କରିଥିଲେ । ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା କରି ସାରିବା ପରେ ମାଣ୍ଡିଆଢିପା ପଂଚାୟତ ସ୍ତରୀୟ ଲକ୍ଷେଘର ଗଣ୍ଡା ସମାଜର ନୂତନ କମିଟୀ ଗଠନ କରିବା ପାଇଁ ନିଷ୍ପତ୍ତି ନେଇ ସର୍ବସମ୍ମତି କ୍ରମେ କମିଟୀ ଗଠନ କରାଗଲା । ସଭାପତି ଭାବେ ଦେବାର ଛତର, ଉପସଭାପତି ମହିମା ବେସ୍ରା, ସମ୍ପାଦକ ତୁଳସୀ ରାମ ବାଗ, ସହ ସମ୍ପାଦକ ବିଷ୍ଣୁ ଦୀପ୍, କୋଷାଧ୍ୟକ୍ଷ ବିଜେ କୁମ୍ଭାର, ସାଧାରଣ ସଭ୍ୟସଭ୍ୟା ରଞ୍ଜିତା ଛତର୍, ସନ୍ ବାଇ ମହାନନ୍ଦ, ବୀଣା ସୁନା, ଧିରା କୁମ୍ଭାର, ଲଳିତ ଛତର୍, କାଳିଆ ଛତର୍, ଉପଦେଷ୍ଟା ଜଗଦିଶ ଦୀପ, ଦିଲ୍ଲୀପ କୁମ୍ଭାର ଓ ଚପରାସି ଇନ୍ଦ୍ର ଦୀପଙ୍କୁ ମନୋନୀତ କରାଯାଇଛି ।

ସମସ୍ତଙ୍କୁ କ୍ଷେତ୍ରୀ ଲୁହାର ଶପଥ ପାଠ କରାଇଥିଲେ । ସଭାଟିକୁ ମୁଣ୍ଡଲା ଗ୍ରାମର ସମସ୍ତ ସାମାଜପ୍ରେମୀ ସହଯୋଗ କରିଥିଲେ । ଶେଷରେ ଲଳିତ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦରଦୀ ମଣିଷ, ଖଟିଖିଆଙ୍କ ସାଥୀ ଲଳିତ ନାୟକଙ୍କ ଉଦ୍ଦେଶ୍ୟରେ ଶୋକସଭା



ଖପ୍ରାଖୋଲ, (ନିପ୍ର) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଠାରେ ସମାଜସେବୀ ସୁଶିଲ ଅଗ୍ରୱାଲଙ୍କ ନେତୃତ୍ୱରେ ଗରିବ ଜନତାଙ୍କ ସାଥି ସମାଜସେବୀ ଦରଦୀ ମଣିଷ ଲଳିତ ନାୟକଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ କୁଞ୍ଜବିହାରୀ ସରାଫ୍, ସଦାନନ୍ଦ ବେହେରା, ସତ୍ୟନାରାୟଣ ମେହେର, ସନ୍ତୋଷ ଭଇଁସାଲ, ଡଃ ନାରାୟଣ ପ୍ରଧାନ, ଶିବ ପ୍ରସାଦ ବାରିକ ଯୋଗ ଦେଇଥିଲେ । ପ୍ରଥମେ ଶ୍ରୀ ନାୟକଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଧୂପ, ଦୀପ ଦେଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ବକ୍ତାମାନେ ଶ୍ରୀ ନାୟକଙ୍କ ସମାଜ ପ୍ରତି ରହିଥିବା ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ରମାକାନ୍ତ ମହାନ୍ତି, ସୁଧାଂଶୁ ଖମାରୀ, ମୁକେଶ ସୁନା, ଧିରେନ୍ଦ୍ର ସୁନା, ଲଳିତ ଭଇଁସାଲ, ଆନନ୍ଦ ଅଗ୍ରୱାଲଙ୍କ ସହ ଲାଠୋର ଗଣମାଧ୍ୟମ ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସଭା ପରିଚାଳନା ସୀମିତ ସାହୁ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶଙ୍କର ମେହେର ।

# ଜବତ ହେଲା ନକଲି କୋଲ୍ଡ୍ ଡ୍ରିଙ୍କ୍ସ୍ : ପୋଲିସ ଦ୍ୱାରା ଲକ୍ଷାଧିକ ଟଙ୍କାର ମେସିନ୍ ଜବତ

ବ୍ରହ୍ମପୁର, (ସ୍ୱପ୍ର) : ବିଗତ କିଛି ଦିନ ଭିତରେ ରାଜ୍ୟରୁ ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ କରାଯାଇଛି । ରାଜ୍ୟରେ ନକଲି କାରଖାନା ଉପରେ ଜୋରଦାର ଚଢାଉ ଚାଲିଛି । କଟକ, ସମ୍ବଲପୁର,କଂଟାବାଂଜି, ଭୁବନେଶ୍ୱର ପରେ ଏବେ ବ୍ରହ୍ମପୁରରୁ ଜବତ ହୋଇଛି ନକଲି କୋଲ୍ଡ୍ ଡ୍ରିଙ୍କ୍ସ୍ । ସୁକୁଣ୍ଡା ଗାଁରେ ନକଲି କୋଲ୍ଡ୍ ଡ୍ରିଙ୍କ୍ସ୍ କାରଖାନା ଉପରେ ପୁଲିସ ଚଢାଉ କରିଛି । ଲକ୍ଷାଧିକ ଟଙ୍କାର ମେସିନ୍ ଜବତ କରାଯାଇଛି ।




ତେବେ ଦୀର୍ଘଦିନ ଧରି ଏହି କାରଖାନାରେ ନକଲି କୋଲ୍ଡ୍ ଡ୍ରିଙ୍କ୍ସ୍ ପ୍ରସ୍ତୁତ କରାଯାଉଥିଲା ଏବଂ ଏହାକୁ ବଜାରକୁ ମଧ ଛଡାଯାଉଥିଲା ବୋଲି କୁହାଯାଇଛି । ଚଢାଉ ବେଳେ ସାଂଘାତିକ ସତ୍ୟ ସାମ୍ନାକୁ ଆସିଛି । ନକଲି କୋଲ୍ଡ୍ ଡ୍ରିଙ୍କ୍ସ୍ ପ୍ରସ୍ତୁତ କରାଯାଉଥିବା ସାମଗ୍ରୀକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ ।

# ପଦ୍ମପୁରରେ ଉପଖଣ୍ଡ ସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ

ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ସଦର ମହୁକୁମା ଠାରେ ୭୨ତମ ସାଧାରଣତନ୍ତ୍ର ଦିବସ ସରକାରଙ୍କ ନିର୍ଦ୍ଦେଶନାମା ଏବଂ କୋଭିଡ-୧୯ ନିୟମାବଳୀ ଅନୁପାଳନ ସହିତ ସ୍ଥାନୀୟ ରାଜ ବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ପଦ୍ମପୁର ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜଷ୍ଟ୍ରେଟ୍ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତିଚାରଣ କରିବା ସଂଗେ ସଂଗେ ଜାତୀୟ ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଆହ୍ୱାନ ଜଣାଇଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ପାଇକମାଲ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ପାଇକମାଲ ଥାନାରେ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ, ପାଇକମାଲ ତହସିଲ ଅଫିସରେ ତହସିଲଦାର ମନୋଜ କୁମାର ମେହେର, ପଦ୍ମପୁର ଥାନାରେ ଥାନା ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ଜଗଦଲପୁର ଥାନାରେ ଥାନା ଅଧିକାରୀ ଲିଳିମା ଲଳିତା ବାର୍ଲା, ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର କେ ତନୟା ରାଉତରାୟ, ଲଖମରା ଗ୍ରାମ ପଂଚାୟତରେ ସରପଂଚ ଭୀଷ୍ମଦେବ ଦଣ୍ଡସେନା, ନୃସିଂହନାଥ ବୃଦ୍ଧାଶ୍ରମରେ ବିଜୁ ଜନତା ଦଳର ସଭାପତି ଗୌତମ ସିଂ, ବରତୁଣ୍ଡା ଗ୍ରାମ ପଂଚାୟତରେ ସରପଂଚ ଜୟନ୍ତୀ ପୁଟା, ଜାମସେଠ ଗ୍ରାମ ପଂଚାୟତରେ ସରପଂଚ ରମ୍ଭା ତାଣ୍ଡି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ ।

କୋଭିଡ-୧୯ ଆଇନକୁ ଦୃଷ୍ଟିରେ ରଖି ସମସ୍ତ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ ହୋଇଥିବା ବେଳେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ କୋଭିଡ଼ ନିୟମ ଅନୁପାଳନ କରିଥିବା ଜଣାପଡ଼ିଛି ।



# କଂଟାବାଞ୍ଜି ତହସିଲର ଗାଁ ଗାଁରେ ବେଆଇନ ଇଟାଭାଟି : ତହସିଲ ଓ ବନ ବିଭାଗର ଅଣଦେଖା, ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱରୁ ବଂଚିତ ପ୍ରଶାସନ : ଇଟାଭାଟି ମାଲିକଙ୍କ କବ୍‌ଜାରେ ସରକାରୀ ପ୍ରୋଜେକ୍ଟର ପାଣି ଓ ଜମି

କଂଟାବାଞ୍ଜି, (ନିପ୍ର) : କଂଟାବାଞ୍ଜି ତହସିଲ ଅଧୀନରେ ଥିବା ବିଭିନ୍ନ ଗାଁ ଗାଁରେ ବେଆଇନ ଇଟାଭାଟି ମାନ ହୋଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଫାଙ୍କୁଥିବା ଅଭିଯୋଗ ହୋଇଛି ।

ପ୍ରାପ୍ତ ସୂଚନା ଅନୁସାରେ ତହସିଲର ବିଭିନ୍ନ ଗାଁ ଗୁଡିକର ନିୟମିତ କାମଧନ୍ଦା ନ ପାଇ ବିଭିନ୍ନ ରାଜ୍ୟର ଇଟାଭାଟିକୁ ଯାଇ ଦାଦନ ଶ୍ରମିକ ସାଜୁଥିଲେ । ଗତ ମାର୍ଚ୍ଚ ୨୦୨୦ରୁ କରୋନା ମହାମାରୀ ରୋଗ ସାରା ବିଶ୍ୱରେ ବ୍ୟାପିଥିଲା, ଯାହା ସାଧାରଣ ଜନତା ଠାରୁ ଶିଳ୍ପପତିମାନେ ମଧ୍ୟ ବାଦ୍ ପଡି ନଥିଲେ । କଂଟାବାଞ୍ଜି ନିର୍ବାଚନ ମଣ୍ଡଳି ଦାଦନ ପ୍ରବଣ ଅଂଚଳ ଭାବେ ବେଶ ପରିଚିତ । କାମଧନ୍ଦା ନ ପାଇ ଅଂଚଳର ଲୋକେ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ବାଧ୍ୟ ହୁଅନ୍ତି । ଆନ୍ଧ୍ରା, ତାମିଲନାଡୁ, ତେଲେଙ୍ଗାନାର ଇଟାଭାଟିକୁ ଦାଦନ ଖଟିବାକୁ ଯାଆନ୍ତି । ଚଳିତ ବର୍ଷ କରୋନା ମହାମାରୀ ଯୋଗୁଁ ରେଳ ଚଳାଚଳ ବନ୍ଦ ରହି ଥିବାରୁ ଦାଦନ ଚାଲାଣ କିଛି ମାତ୍ରାରେ ଫରକ ପଡିଥିଲେ ମଧ୍ୟ ନିୟମିତ ଦାଦନ ଚାଲାଣ କରୁଥିବା ସର୍ଦ୍ଦାରମାନେ ଅଂଚଳର ବିଭିନ୍ନ ଗାଁ ଗାଁରେ ଇଟାଭାଟି ମାନ କରିଛନ୍ତି । ଗାଁ ଗାଁ କୁଟିର ଶିଳ୍ପ ଭଳି ଇଟାଭାଟି ମାନ ଗଢି ଉଠିଥିବା ବେଳେ ସଂପୃକ୍ତ ଭାଟି



ମାଲିକମାନେ କୌଣସି ବିଭାଗୀୟ ଅନୁମତି କିମ୍ବା ସରକାରୀ ରାଜସ୍ୱ ନ ଦେଇ ଲକ୍ଷ ଲକ୍ଷ ଟଙ୍କା ଟ୍ୟାକ୍ସ ଫାଙ୍କୁ ଥିବାର ଅଭିଯୋଗ ହେଉଛି ।

ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସହ ବନବିଭାଗ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଦ୍ୱାରା ଇଟାଭାଟି ଦ୍ୱାରା ପରିବେଶ ନଷ୍ଟ ହେଉଛି । ଇଟାଭାଟି ମାଲିକ ମାନେ ଶ୍ରମିକ ମାନଙ୍କୁ ରାତି ଦିନ ଖଟାଉଥିବା ବେଳେ ସେମାନଙ୍କୁ ଉଚିତ ମଜୁରୀ ଦିଆଯାଉନାହିଁ କିମ୍ବା ଇଟାଭାଟି ସ୍ଥଳରେ ଶ୍ରମିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟଗତ ପରିବେଶ ମଧ୍ୟ କରାଯାଇନାହିଁ । କାର୍ଯ୍ୟରତ ଶ୍ରମିକମାନେ ନିୟମ ମୁତାବକ ଭାଟି ମାଲିକଠାରୁ କୌଣସି ସୁବିଧା ସୁଯୋଗ ପାଇ ପାରୁନାହାନ୍ତି । କେତେକ ଇଟାଭାଟି ମାଲିକ ମାନେ ସରକାରୀ ଜାଗାରେ ଇଟାଭାଟି କରି ସରକାରୀ ଜମିର ମାଟିକୁ ବ୍ୟବହାର କରି ଜମିକୁ ନିଜ କବ୍‌ଜାରେ ରଖିଛନ୍ତି ।

ଅନ୍ୟପଟେ କେତେକ ସରକାରୀ କ୍ଷୁଦ୍ର ଜଳସେଚନ ପ୍ରୋଜେକ୍ଟ ନିକଟରେ ପ୍ରଭାବଶାଳୀ ଇଟାଭାଟି ମାଲିକମାନେ ଇଟାଭାଟି କରି ପ୍ରୋଜେକ୍ଟର ପାଣି ମଧ୍ୟ ବ୍ୟବହାର କରିବାରୁ ଉକ୍ତ ଅଂଚଳର ଗ୍ରାମବାସୀ ପାଣି ଦୂଷିତ ହେଉଥିବା ଅଭିଯୋଗ କରିଛନ୍ତି । ଯାହା ହିଁଆଲ ପଂଚାୟତ ଅଧୀନସ୍ଥ ଡୁମେରଚୁଆଁ ଢୁଷାମୁଣ୍ଡାରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର ପ୍ରୋଜେକ୍ଟ ପରିସରରେ ଇଟାଭାଟି କରି ଉଭୟ ସରକାରୀ ଜମି ଓ ପାଣି ବ୍ୟବହାର କରୁଛନ୍ତି । ଏଥିପ୍ରତି ତହସିଲ, କ୍ଷୁଦ୍ର ଜଳସେଚନ ବିଭାଗ କିମ୍ବା ବନ ବିଭାଗ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଇଟାଭାଟି ମାଲିକ ମାନେ ବିନ୍ଦାସରେ ସରକାରୀ ଜମି, ଜଙ୍ଗଲର କାଠ ଏବଂ ପ୍ରୋଜେକ୍ଟ ପାଣି ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି ।

ଡୁମେରଚୁଆଁ ଓ ଢୁଷାମୁଣ୍ଡା ଏମ.ଆଇ. ପ୍ରୋଜେକ୍ଟ ପରିସରରେ ଗଢି ଉଠିଥିବା ଇଟାଭାଟି ଯୋଗୁଁ ପ୍ରୋଜେକ୍ଟର ପାଣି ଦୂଷିତ ହେବା ସହ ପାଣିସ୍ତର କମୁଥିବାରୁ ଚଳିତ ଗ୍ରୀଷ୍ମ ଦିନରେ ପାଣିର ଅଭାବ ଦେଖାଦେବ ବୋଲି ଉଭୟ ଗ୍ରାମର ଜନସାଧାରଣ ଉଚ୍ଚକର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ଦାବୀ କରିବା ସହ ବେଆଇନ ଇଟାଭାଟିକୁ ବନ୍ଦ କରିବା ପାଇଁ ଦାବୀ କରିଛନ୍ତି ।

# କେଶରୀୟା ହିନ୍ଦୁ ବାହିନୀ ତରଫରୁ ୭୨ତମ ଗଣତନ୍ତ୍ର ଦିବସ ପାଳିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା କେଶରୀୟା ହିନ୍ଦୁ ବାହିନୀ ତରଫରୁ ୭୨ତମ ଗଣତନ୍ତ୍ର ଦିବସ ଜିଲ୍ଲା କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଏଥିରେ କେଶରୀୟା ହିନ୍ଦୁ ବାହିନୀର ରାଜ୍ୟ ମହାମନ୍ତ୍ରୀ ତଥା କୋର କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ଏବଂ ଗଣତନ୍ତ୍ର ଦିବସର ମହତ୍ୱ ବର୍ଣ୍ଣନା କରିଥିଲେ । ଜିଲ୍ଲାର ନଗର ସଭାପତି ସନ୍ତୋଷ ସାହୁଙ୍କ ସହଯୋଗରେ ଜିଲ୍ଲା ବରିଷ୍ଠ ଉପାଧ୍ୟକ୍ଷ ଶଙ୍କର୍ଷଣ ଆଚାର୍ଯ୍ୟ, ଜିଲ୍ଲା ମହାସଚିବ ସୁନୀଲ ମିଶ୍ର, ଜିଲ୍ଲା କୋଷାଧ୍ୟକ୍ଷ ସୁଶୀଲ ସାହୁ ଏବଂ ଜିଲ୍ଲା ସଭାପତି ଭାବେ ନବ ନିର୍ବାଚିତ ପ୍ରଦୀପ କୁମାର ତ୍ରିପାଠୀ ଏବଂ ଜିଲ୍ଲାର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳତାର ସହ ପାଳନ କରିଥିଲେ ।




# କୃଷକ ମଂଚ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ



ଧର୍ମଗଡ, (ନିପ୍ର) : ଗୋଟମୁଣ୍ଡା ଠାରେ କୃଷକମଂଚ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ।

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଗୋଟମୁଣ୍ଡା ଧାନ ମଣ୍ଡି ଠାରେ ବଳରାମ ମାଝୀ (କୃଷକ ମଂଚ ସଭାପତି), ଭାରତ ଭୁଷଣ ଦୁର୍ଗା (ସମ୍ପାଦକ), ନିରଞ୍ଜନ ବାଗ (କୋଷାଧ୍ୟକ୍ଷ) ଜବାହରଲାଲ ଗୋପାଳ(ସରପଂଚ ଗୋଟମୁଣ୍ଡା), ହେମନ୍ତ ମାଝୀ (ବିଜେଡି ଯୁବ ସଭାପତି, କୋକସରା), ପାର୍ଥବ ମାଝୀ, ତୁଳସୀ ବିହାରୀ, ଲିଙ୍ଗରାଜ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନାଏକ, ତ୍ରିନାଥ ପୋଟା, ହିମାଂଚଳ ପୁଝାରୀ ସମେତ ଚାଷୀ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ ।

# ରାଷ୍ଟ୍ରୀୟ ବାଳ ପୁରସ୍କାର ପାଇଥିବା ଶିଶୁଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଳାପ

ଭୁବନେଶ୍ୱର, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ବାଳ ପୁରସ୍କାର ପାଇଥିବା ଶିଶୁମାନଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଳାପ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ମହିଳା ଏବଂ ଶିଶୁବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀ ମଧ୍ୟ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, ଚଳିତବର୍ଷ କରୋନା ଯୋଗୁଁ ଏକ କଷ୍ଟଦାୟକ ସମୟ ମଧ୍ୟରେ ଏଭଳି ପୁରସ୍କାର ବିଜେତାମାନେ ପୁରସ୍କାର ପାଇଥିବା ଯୋଗୁଁ ଏହାର ସ୍ୱାତନ୍ତ୍ର୍ୟ ରହିଛି । ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଅଭିଯାନରେ ଶିଶୁମାନେ ବ୍ୟବହାର ପରିବର୍ତ୍ତନ ପାଇଁ ପ୍ରଚାର ଅଭିଯାନ କରିଥିବାରୁ ସେମାନଙ୍କ ଶ୍ରମର ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, କରୋନା ସମୟରେ ହାତ ଧୋଇବା ଭଳି ଅଭିଯାନ ଶିଶୁମାନେ କରିଥିବା ଯୋଗୁଁ ଲୋକମାନେ ଏହାକୁ ଗ୍ରହଣ କରିଥିଲେ ଏବଂ ଏଥିରେ ସଫଳତା ମିଳିଥିଲା । ଚଳିତ ବର୍ଷ ବିଭିନ୍ନ ନୂଆ ନୂଆ କ୍ଷେତ୍ରରେ ଶିଶୁମାନଙ୍କୁ ପୁରସ୍କାର ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ଲକ୍ଷ୍ୟ କରିଥିଲେ ଯେ, ଛୋଟ ଛୋଟ ବିଚାରକୁ ଉପଯୁକ୍ତ କାର୍ଯ୍ୟ ପ୍ରଣାଳୀ ମାଧ୍ୟମରେ ସମର୍ଥନ ମିଳିଲେ ଫଳ ପ୍ରଭାବଶାଳୀ ହୁଏ । କାର୍ଯ୍ୟ ଉପରେ ବିଶ୍ୱାସ ରଖି ନିଜର ବିଚାରଧାରାକୁ କାର୍ଯ୍ୟକାରୀ କଲେ ବଡ ବଡ କାର୍ଯ୍ୟ ପାଇଁ ଲୋକମାନେ ପ୍ରେରଣା ପାଇଥାଆନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଅବିଶ୍ରାନ୍ତ ଭାବେ କ୍ରମାଗତ ପରିଶ୍ରମ ଦ୍ୱାରା ଜୀବନରେ ଭଲ ଫଳ ମିଳିପାରିବ ବୋଲି



ପ୍ରଧାନମନ୍ତ୍ରୀ କହିଥିଲେ । ତିନୋଟି କଥା ଉପରେ ତିନୋଟି ଶପଥ ସର୍ବଦା ମନେ ରଖିବାକୁ ଶିଶୁମାନଙ୍କୁ ପରାମର୍ଶ ଦେଇଥିଲେ । ସେଗୁଡିକ ମଧ୍ୟରୁ ପ୍ରଥମଟି ହେଉଛି ଅବିଚଳିତ ରହିବାର ଶପଥ । ଏ କ୍ଷେତ୍ରରେ କୌଣସି ଆଳସ୍ୟକୁ ପ୍ରଶ୍ରୟ ଦେବା ଅନୁଚିତ । ଦ୍ୱିତୀୟ ଶପଥଟି ଦେଶ ପାଇଁ ଆମେ ପ୍ରତ୍ୟେକ କାର୍ଯ୍ୟକୁ ଦେଶ ପାଇଁ ଅଭିପ୍ରେତ ବୋଲି ଭାବିଲେ ପ୍ରତ୍ୟେକ କାର୍ଯ୍ୟ ମହାନ ହୋଇପାରିବ । ଆମେ ସ୍ୱାଧୀନତାର ୭୫ବର୍ଷରେ ପଦାର୍ପଣ କରୁଥିବା ସମୟରେ ଦେଶ ପାଇଁ କ'ଣ କରିପାରିବା ସେ ବିଷୟରେ ଚିନ୍ତା କରିବା ଉଚିତ । ତୃତୀୟ ଶପଥ ହେଉଛି ନମ୍ରତାର ଶପଥ । ଏହା ଦ୍ୱାରା ପ୍ରତ୍ୟେକ ସଫଳତା ଆମକୁ ଅଧିକ ନମ୍ର ହେବା ପାଇଁ ପ୍ରେରଣା ଦେବା ସହ ଅନ୍ୟମାନେ ଆମ ସହ ମିଶି ଆମ ସଫଳତାକୁ ଉପଭୋଗ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସୃଜନଶୀଳତା, ବୃଦ୍ଧିମତା, କ୍ରୀଡା, କଳା ଓ ସଂସ୍କୃତି, ସମାଜସେବା ଓ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର କାର୍ଯ୍ୟକ୍ରମ ଅଧୀନରେ ଭାରତ ସରକାର 'ବାଳଶକ୍ତି' ପୁରସ୍କାର ଶିଶୁମାନଙ୍କୁ ପ୍ରଦାନ କରିଥାଆନ୍ତି । ଚଳିତବର୍ଷ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର-୨୦୨୧ ଅଧୀନରେ ବାଳଶକ୍ତି ପୁରସ୍କାର ପାଇବାକୁ ଦେଶର ବିଭିନ୍ନ ସ୍ଥାନରୁ ୩୨ଜଣ ଆବେଦନ କରିଥିଲେ ।

# ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣର ନିଧି ସଂଗ୍ରହ ଆରମ୍ଭ



ବୌଦ୍ଧ, (ନିପ୍ର) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିଳାସପୁର ଦ୍ୱାରା ଶିବ ମନ୍ଦିର ଠାରେ ଏକ ହୋମଯଜ୍ଞ ଆୟୋଜନ କରାଯାଇଥିଲା । ଏଥିରେ ମନମୁଣ୍ଡା ବାସୁଦେବପାଲି ସ୍ୱୟଂ ସେବକ ସଙ୍ଘ ପକ୍ଷରୁ ଦେବବ୍ରତ ପାଣିଗ୍ରାହୀ ଓ ରାମଜୀ ମଠର ବାବା ଗୋବର୍ଦ୍ଧନ ଦାସ ଯୋଗଦେଇ ଶ୍ରୀରାମଙ୍କ ଅମୃତ ବାଣୀ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମିତ୍ରଭାନୁ ନନ୍ଦ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣର ଐତିହାସିକ କାହାଣୀ ଶୁଣାଇଥିଲେ । ବିଦ୍ୟାଳୟର ସଭାପତି ସୁଦାମ ଚରଣ ଖମାରୀ ଅଭିଭାଷଣ ପ୍ରଦାନ କରିଥିଲେ ଓ ସମ୍ପାଦକ ହିତେନ୍ଦ୍ର ଭୂଷଣ ମେହେର୍ଟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଗୁରୁମା' ପଦ୍ମିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୩ ଦଫା ଦାବୀରେ ଜୟ କିଷାନ ସଂଗଠନର ଟ୍ରାକ୍ଟର ଶୋଭାଯାତ୍ରା



ବଲାଙ୍ଗିର, (ନିପ୍ର) : ୩ ଦଫା ଦାବୀ ନେଇ ଜୟ କିଷାନ ସଂଗଠନ ତରଫରୁ ବଲାଙ୍ଗିର ସହରରେ ଏକ ଶୋଭାଯାତ୍ରା ହୋଇଯାଇଛି । ଦିଲ୍ଲୀ ସୀମାରେ ଆନ୍ଦୋଳନରତ କିଷାନମାନଙ୍କୁ ସମର୍ଥନ ଜଣାଇବା ସହ ଆଂଚଳିକ ଚାଷୀମାନଙ୍କ ସମସ୍ୟାକୁ ନେଇ ଏହି ଶୋଭାଯାତ୍ରା କରାଯାଇଥିବା କୁହାଯାଇଛି । କେନ୍ଦ୍ର ସରକାରଙ୍କ କୃଷିନୀତି ୨୦୨୦ ପ୍ରତ୍ୟାହାର, ଏମ୍‌ଏସ୍‌ପିକୁ ଆଇନ ଗତ ସୁରକ୍ଷା ଓ ଆଂଚଳିକ ଧାନମଣ୍ଡି ମାନଙ୍କୁ ହେଉଥିବା କଟନି ଛଟନିକୁ ସଂପୁର୍ଣ୍ଣ ଭାବେ ବନ୍ଦ କରିବା ସହିତ ଚାଷୀଙ୍କୁ ଯଥା ଶୀଘ୍ର ଟୋକନ ଯୋଗାଇ ଦେଇ ସେମାନଙ୍କ ସମସ୍ତ ଧାନ ସରକାର କିଣି ନିଅନ୍ତୁ ବୋଲି ସଂଗଠନ ଦାବୀ କରିଛି । ସୌରି କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ସତ୍ୟ ବନଛୋରଙ୍କ ମିଳିତ ଆବାହକତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଚାଷୀମାନେ ଆସି ସ୍ଥାନୀୟ ପଥରଚେପା ଠାରେ ଏକତ୍ରିତ ହୋଇଥିଲେ ।

ପରେ ପରେ ଆଠ ଗୋଟି ଟ୍ରାକ୍ଟର ଓ ପ୍ରାୟ ଦେଢ ଶହ ବାଇକ ସହିତ ସମସ୍ତ ଚାଷୀ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ କଳା କୃଷିନୀତି ବିରୁଦ୍ଧରେ ଗର୍ଜିଥିଲେ । ଏହି ଅବସରରେ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ପ୍ରଧାନ ଓ ବୋଡାସମ୍ବର କୃଷକ ସଂଗଠନର ସଂପାଦକ ରମେଶ ମହାପାତ୍ର ଯୋଗଦାନ କରି କେନ୍ଦ୍ର ସରକାରଙ୍କ କୃଷିନୀତିକୁ ଆଦାନୀ ଅମ୍ବାନୀ ପୋଷଣ ନୀତି କହିବା ସହ ବିଜେପି ସରକାରଙ୍କ ଚାଷୀ ବରୋଧୀ କାର୍ଯ୍ୟକଳାପ ବିରୁଦ୍ଧରେ ବିଷୋଦଗାର କରିଥିଲେ । ଶୋଭାଯାତ୍ରା ସ୍ଥାନୀୟ ପଥରଚେପା ଠାରୁ ବାହାରି କଚେରି ଛକ, ପାଟଣା ହୋଟେଲ ଛକ, ବିକ୍ରମ ଛକ, ଭାଗିରଥୀ ଛକ ଦେଇ ପୁଣି ପଥରଚେପାରେ ଶେଷ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ କିଷାନ ମଜଦୁର ସଂଘର ସୁଶିଲ ଗୁରୁ, ସର୍ବଭାରତୀୟ କୃଷକ ଖେତ ମଜଦୁର ସଙ୍ଗଠନର ସୁନିଲ ଭୋଇ, ଅଚ୍ୟୁତ (ସିପୁନ) ଖମାରୀ, ସନ୍ଦୀପ ବାଗ, ବ୍ୟାସଦେବ ଥନାପତି, ସଂଗ୍ରାମ ସାହୁ, ବନମାଳି ନାଏକ ଓ ଗିରିଧାରି ଭୋଇ ପ୍ରମୁଖ ଶୋଭାଯାତ୍ରାରେ ବିଶେଷ ସହେଯାଗ କରିଥିଲେ ।



ତେବେ ଜିଲ୍ଲାରେ ଏହି ଶୋଭାଯାତ୍ରାକୁ ନିଜ ଢଙ୍ଗର ପ୍ରଥମ ଶୋଭାଯାତ୍ରା କୁହାଯାଉଥିବା ବେଳେ କୌଣସି ରାଜନୈତିକ ସମର୍ଥନ ବିନା ଏଭଳି ଶୋଭାଯାତ୍ରାର ସଫଳ ଆୟୋଜନ ପାଇଁ ଜୟ କିଷାନ ସଂଗଠନକୁ ଚାଷୀମାନେ ଅଭିନନ୍ଦନ ଜଣାଇଛନ୍ତି ।

# ପଶ୍ଚିମାଂଚଳ ବିଜୁଳି ଶ୍ରମିକ କର୍ମଚାରୀ ସଂଘର ଜାତୀୟ ପତାକା ଉତ୍ତୋଳନ



ବଲାଙ୍ଗିର, (ନିପ୍ର) : ଆଜି ପଶ୍ଚିମା*ଳ ବିଜୁଳି ଶ୍ରମିକ ସଂଘର କାର୍ଯ୍ୟାଳୟ ଠାରେ ୭୨ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ପଶ୍ଚିମାଂଚଳ ମିଳିତ ଶ୍ରମିକ କର୍ମଚାରୀ ମଂଚର ସଭାପତି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ଦେଶ ବଂଚିଲେ ଆମେ ବଂଚିବା କହି ଗଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରି ନିଜର ଅଧିକାର ସାବ୍ୟସ୍ତ କରିବା ପୂର୍ବରୁ ଦେଶପାଇଁ କାମ କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ କହିଥିଲେ । ବଲାଙ୍ଗିର ଉପଖଣ୍ଡର ସଂପାଦକ ଜ୍ୟୋତିରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଶ୍ରମିକ ନେତା ରବି ମିଶ୍ର, ସତ୍ୟବ୍ରତ ସିଂ, ରମେଶ ନାୟକ, ପ୍ରଦୀପ ଡାକୁଆ, ବ୍ରଜବନ୍ଧୁ ବାଗ, ଟିଙ୍କୁ ରାଓ ପ୍ରମୁଖ ଗଣତନ୍ତ୍ର ଦିବସ ଉପରେ ଶ୍ରମିକ କର୍ମଚାରୀମାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଶିଶୁମାନଙ୍କ ସହ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।




# ପାର୍ବତୀ ଗିରି ବାଳ ନିକେତନରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ : ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଆକସ୍ମିକ ପରିଦର୍ଶନ



ବଲାଙ୍ଗିର, (ନିପ୍ର) : ପଥରଚେପା ସ୍ଥିତ ପାର୍ବତୀ ଗିରି ବାଳ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛ । ମୁଖ୍ୟ ଅଥିତି ଭାବେ ଶିଶୁ ମଙ୍ଗଳ ସମିତିର ସଭ୍ୟ ବିରଂଚି ବହିଦାର ଯୋଗଦାନ କରି ପତାକା ଉତ୍ତୋଳନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡା. ପ୍ରକାଶ ଦାଶ ଓ ଅନୁଷ୍ଠାନର ସଭାନେତ୍ରୀ ଶାନ୍ତିଲତା ବହିଦାର ଅଂଶ ଗ୍ରହଣ କରିଥିଲେ ।

ସାଧାରଣତନ୍ତ୍ର ବିଷୟରେ ଅନ୍ତେବାଶୀ ଅନ୍ତେବାସିନୀମାନଙ୍କୁ ଉଦବୋଧନ ଦେଇଥିଲେ । ତା' ସହିତ ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ ଚଞ୍ଚଳ ରାଣା ଆକସ୍ମିକ ପରିଦର୍ଶନ କରି ଅନ୍ତେବାସୀ ଅନ୍ତେବାସିନୀମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଉକ୍ତ ସଭାରେ ଜିଲ୍ଲାପାଳ ଦୁଇଜଣ ଶିଶୁ ନେହା କୁମ୍ଭାର ଏବଂ ଅଙ୍କିତା ବିଶ୍ୱାଳଙ୍କୁ ସାଧାରନତନ୍ତ୍ର ଦିବସ ଉପଲକ୍ଷେ କହିବା ପାଇଁ କହିଥିଲେ । ଉକ୍ତ ଦୁଇ ଶିଶୁଙ୍କର ଅଭିଭାଷଣ ଶୁଣି ଜିଲ୍ଲାପାଳ ମହୋଦୟ ପ୍ରଶଂସା କରିଥିଲେ ଏବଂ ଶିଶୁ ମାନଙ୍କୁ ଫଳ ବଂଟନ କରିଥିଲେ । ଜିଲ୍ଲାପାଳଙ୍କ ସହିତ ଜିଲ୍ଲାର ବିଭିନ୍ନ ପଦାଧିକାରୀ ଅଂଶ ଗ୍ରହଣ କରିଥିଲେ, ଯଥା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଲକ୍ଷ୍ମୀ ସିଂ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରୁ ଚୂଡାମଣି ପଣ୍ଡା ଓ ଅରୁଣ ଖୁଆସ ଯୋଗ ଦେଇଥିଲେ ।

# ଟାଇଗର ୟୁଥ୍ କ୍ଲବ୍ ପାଳନ କଲା ୭୨ତମ ଗଣତନ୍ତ୍ର ଦିବସ

ବଲାଙ୍ଗିର, (ନିପ୍ର) : ଶାନ୍ତିପଡା ସ୍ଥିତ ଟାଇଗର ୟୁଥ୍ କ୍ଲବ ତରଫରୁ ୭୨ତମ ଗଣତନ୍ତ୍ର ଦିବସ ପାଳନ ହୋଇଯାଇଛି । ପତାକା ଉତ୍ତୋଳନ କଲେ ଶିବାନନ୍ଦ ବିଶି । ଏଥିରେ କ୍ଲବ ସଭାପତି ପାର୍ଥ କର୍ଣ୍ଣ, ସମ୍ପାଦକ ସୁମନ୍ତ ମିଶ୍ର, କୋଷାଧ୍ୟକ୍ଷ ଦେବରାଜ ନାଗ, ସୁରେଶ ଚନ୍ଦ୍ର କର୍ମ୍ମ, ସୁଶୀଲ ମହାକୁର, ରୀନୁ ସାହୁ, ଭବ୍ୟ ବିଶି, ବିକାଶ ମିଶ୍ର ଏବଂ କୁନି କୁନି ଛାତ୍ରଛାତ୍ରୀଙ୍କ ସହ ଅନ୍ୟାନ୍ୟ କ୍ଲବର ମେମ୍ବରମାନେ ଯୋଗଦାନ କରିଥଲେ ।




Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com